ପୁରୀକୁ ବିଶ୍ୱ ଐତିହ୍ୟରେ ପରିଣତ ପାଇଁ ତତ୍ପରତା

# ୬ ଖଣିର ଲାଭାଂଶ ହେବ ବିନିଯୋଗ

**ଭୁବନେଶ୍ୱର,୧୪।୧୨/ ଏନ୍‌ଏନ୍‌ଏସ୍:**

ଶ୍ରୀକ୍ଷେତ୍ର ପୁରୀକୁ ବିଶ୍ୱଐତିହ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନ ଅନୁଯାୟୀ ବିଶ୍ୱ ପ୍ରସିଦ୍ଧ ପୁରୀର କାୟା ବିସ୍ତାର କରିବା ପାଇଁ ଉଦ୍ୟମ ଜାରି ରହିଛି। ଏହି କ୍ରମରେ ରାଜ୍ୟ ସରକାର ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଓଡ଼ିଶା ଖଣି ନିଗମକୁ ୬ଟି ଖାଣ୍ଡୋଲାଇଟ୍ ଖଣି ଦିଆଯିବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁସାରେ ଏହି ଖଣି ଗୁଡ଼ିକରୁ ନିଗମ ଖଣି ଉତ୍ତୋଳନ କରି ଯେଉଁ ଅର୍ଥ ସଂଗ୍ରହ କରିବ ତାହା ଅବଢ଼ା ଯୋଜନା ମାଧ୍ୟମରେ ପୁରୀର ବିକାଶ କାର୍ଯ୍ୟରେ ଖର୍ଚ୍ଚ ହେବ। ଏନେଇ ଖଣି ଓ ଇସ୍ପାତ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଜଗନ୍ନାଥ ଧାମ ପୁରୀକୁ କିଭଳି ଅଧିକ ସୌନ୍ଦର୍ଯ୍ୟକରଣ କରିହେବ ସେନେଇ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଖୋର୍ଦ୍ଧା, ଯାଜପୁର ଓ କଟକ ଜିଲ୍ଲାର ୬ଟି ଖୋଣ୍ଡାଲାଇଟ(କୁଣ୍ଡାପଥର) ଖଣିକୁ ଓଡ଼ିଶା ଖଣି ନିଗମ(ଓଏମସି)କୁ ସରକାର ପ୍ରଦାନ କରିଛନ୍ତି। ସରକାରଙ୍କ ନିଷ୍ପତ୍ତି ଅନୁସାରେ ଏହିସବୁ ଖଣିରୁ ପୂର୍ତ୍ତ ବିଭାଗ ଖୋଣ୍ଡଲାଇଟ ପଥର ଉତ୍ତୋଳନ କରିବ। ଏହାକୁ କେବଳ ଐତିହ୍ୟ ସହର ପୁରୀର ବିକାଶ ପାଇଁ ସରକାର କରିଥିବା ଅବଢ଼ା ଯୋଜନାରେ ବ୍ୟବହାର କରାଯିବ। ଏଥିପାଇଁ ଯାଜପୁର ଜିଲା ଚାନ୍ଦିଆ ବ୍ଲକ, ଶୁଖୁଆପାହାଡ଼ ଓ ତେଲିଗଡ଼ କୁଣ୍ଡାପଥର ଖଣିର ପ୍ରାୟ ୧୧୦ହେକ୍ଟର ଜମି ସଂରକ୍ଷିତ କରାଯାଇଛି। ସେହିପରି କଟକ ଜିଲାର ଗୋବିନ୍ଦପୁର ବ୍ଲକରେ ୨୦.୩ ହେକ୍ଟର ଏବଂ ଖୋର୍ଦ୍ଧାର କୁରୁମପଡ଼ା ଓ କୁଣ୍ଡାକୁଣ୍ଡି ପଥର ଖଣିକୁ ଓଏମସିକୁ ଲିଜ ସୂତ୍ରରେ ଦିଆଯାଇଛି। ଏହି ଦୁଇଟି ଖଣିରୁ ଖୋଣ୍ଡଲାଇଟ ପଥର ଉତ୍ତୋଳନ ପାଇଁ ୬ହେକ୍ଟର ଜମି ସଂରକ୍ଷିତ କରାଯିବା ସହିତ ଓଏମସିକୁ ଲିଜ୍ ଦାୟିତ୍ୱ ଦିଆଯାଇଛି। ପଥର ଖନନ ପୂର୍ବରୁ ଓଏମସି, ପୂର୍ତ୍ତ ଓ ଶ୍ରୀଜଗନ୍ନାଥ ମନ୍ଦିର ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ହେବ। ଚୁକ୍ତିନାମା ପରେ ଓଏମସି ଏହି ଖଣିରୁ ପଥର ଉତ୍ତୋଳନ ପାଇଁ ସବ୍ କଣ୍ଟ୍ରାକ୍ଟରକୁ ଦାୟିତ୍ୱ ଦେବ।